ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

(ଭୁ-ଅର୍ଜନ ଉପ-ବିଭାଗ)

ବିଜ୍ଞପ୍ତି ସଂଖ୍ୟା ୧୦୦୩ /ତାରିଖ ୨୪.୦୭.୨୦୨୩

ଏତଦ୍ ଦ୍ୱାରା ନିମ୍ନଲିଖିତ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଚିଫ୍ ଜେନେରାଲ ମ୍ୟାନେଜର (ଲ୍ୟାଣ୍ଡ ) ଇଡକୋ,ଭୁବନେଶ୍ୱରଙ୍କ ଦ୍ୱାରା ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲ ର ଗୋଇଭଙ୍ଗା ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା (Land Bank filling) ନିମନ୍ତେ ଏକର ୩.୮୦ ଭୂମି ଅଧିଗ୍ରହଣ କରାଯିବା ନିମନ୍ତେ ଓଡିଶା ରାଜ୍ୟ ପ୍ରଭାବ ଆକଳନ (Odisha State SIA Unit, NCDS, Bhubaneswar) ଏକ ପ୍ରାରୁପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ପ୍ରସ୍ତୁତି କରିଛନ୍ତି । ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେବା ନିମନ୍ତେ ନିମ୍ନ ସୂଚୀ ଅନୁଯାୟୀ ସମ୍ପୃକ୍ତ ସରପଞ୍ଚଙ୍କ ସଭାପତିତ୍ୱରେ ଜନଶୁଣାଣୀ ଆୟୋଜିତ ହେବାର ସ୍ଥିରିକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ମାନେ ଉକ୍ତ ଜନଶୁଣାଣୀ ରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ମତାମତ ଉପସ୍ଥାପନ କରିପାରିବେ । ସାମାଜିକ ପ୍ରଭାବ ଆକଳନ ବିବରଣୀ (SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଟେ ।

ଜନ ଶୁଣାଣୀର କାର୍ଯ୍ୟସୁଚୀ

| ପ୍ରଭାବିତ ଗ୍ରାମ | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|
| ଗୋଇଭଙ୍ଗା | ୧୦/୦୮/୨୦୨୩ | ଦିବା ୧୧:୦୦ ଘଟିକା | ଗୋଇଭଙ୍ଗା |

୨୪/୭/୨୩

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୪/ ତାରିଖ ୨୪.୦୭.୨୦୨୩

ଏହାର ଏକକିତା ନକଲ ସରପଞ୍ଚ (କଲୁଙ୍ଗା-ଖ) ଗ୍ରାମ ପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଯାଉଛି ଯେ ସମ୍ପୃକ୍ତ ଗ୍ରାମରେ ବ୍ୟାପକ ପ୍ରଚାର କରିବେ ଏବଂ ଉକ୍ତ ଜନ ଶୁଣାଣୀରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୫/ ତାରିଖ ୨୪.୦୭.୨୦୨୩

ଏହାର ଏକକିତା ନକଲ ସଂଯୋଜକ, ସମନ୍ୱୟକାରୀ ସଂସ୍ଥା, ନବକୃଷ୍ଣ ଚୌଧୁରୀ ସେଣ୍ଟର ଡେଭଲପମେଣ୍ଟ, ଭୁବନେସ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୬ / ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଚିଫ୍ ଜେନେରାଲ ମ୍ୟାନେଜର (ଲ୍ୟାଣ୍ଡ ) ଇଡକୋ, ଭୁବନେଶ୍ୱର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୭ / ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଉପ-ଜିଲ୍ଲପାଳ ,ପାନପୋଷ, ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଯେ ସେ ଉକ୍ତ ଜନଶୁନାଣୀ ରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୮ / ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ, ରାଉରକେଲାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଯାଉଛି ଯେ ଜନଶୁଣାଣୀକୁ ସୁଚାରୁ ରୁପେ ପରିଚାଳନା କରିବା ନିମନ୍ତେ ଜନଶୁଣାଣୀ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୦୯ / ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଭାରପ୍ରାପ୍ତ ଥାନା ଅଧିକାରୀ ବାହ୍ମଣୀ ତରଙ୍ଗ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୧୦ /. ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଗୋଷ୍ଠି ଉନୟନ ଅଧିକାରୀ/ ତହସିଲଦାର, ଲାଠିକଟା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଯେ ସେ ଉକ୍ତ ଜନ ଶୁଣାଣୀରେ ଉପସ୍ଥିତ ରହିବେ ।

ଜିଲ୍ଲାପାଳ, ସୁନ୍ଦରଗଡ

ଜ୍ଞାପକ ସଂଖ୍ୟା ୧୦୧୧ / ତାରିଖ ୨୪.୦୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଓ ବିଜ୍ଞାନ ଅଧିକାରୀ, ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଯାଉଅଛି ଯେ ଉକ୍ତ ପତ୍ର ଟିକୁ ଜିଲ୍ଲା ୱେବସାଇଟ୍ ରେ ଉପଲବ୍ଧ କରାଇବେ ।

ଜିଲ୍ଲାପାଳ, ସୁନ୍ଦରଗଡ